# ଦୀପଶିଖା

ଡ. ବିଜୟକୁମାର ଶତପଥୀ

## ପ୍ରଥମ ଦୃଶ୍ୟ

(ହରିପୁର ଗାଁ ମୁଣ୍ଡର ପଡ଼ିଆ । ପଡ଼ିଆର ଗୋଟିଏ ଦିଗରେ ରାସ୍ତା ଲମ୍ବିଯାଇଛି ଜାତୀୟ ରାଜପଥ ଆଡ଼କୁ । ରାସ୍ତା କଡ଼ରେ ଥିବା ଏକ ବରଗଛ ତଳେ ଗୋଟିଏ ଛୋଟ ଚା'ଦୋକାନ । ଆରପଟେ ସ୍କୁଲର ଅଫିସଘର ଦେଖାଯାଉଛି । ଗାଁ ଲୋକେ ଏଇ ଦୋକାନରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣନ୍ତି । ସଂଜ ହେବାକୁ ଯାଉଛି । ବରଗଛ ତଳେ ଥିବା ଜଗୁ ସାହୁର ଚା'ଜଳଖିଆ ଦୋକାନ ସାମନାରେ ଦୁଇଜଣ ଗରାଖ ବସି ଚା' ପିଉଛନ୍ତି । ଜଗୁ ସାହୁ କୋଇଲା ଆଞ୍ଚ ଉପରେ ବସିଥିବା ତେଲ କଡ଼େଇରେ ବରା ଛାଣୁଛି । ଦୋକାନ ବାହାରେ ବସି ବାରତେର ବର୍ଷ ବୟସର ପିଲାଟିଏ ଅଇଁଠା ବାସନ ଧୋଉଥାଏ । ତାକୁ କଡ଼ା ଭାଷାରେ ତାଗିଦ୍ କରି କହୁଥାଏ ଜଗୁ ସାହୁ)

ଜଗୁ : ଶୋଇପଡ଼ିଲୁ ନା କ'ଣ ବେ ରତନା ! ଟିକେ ଫୁର୍ତ୍ତି ହ', ଅଳସୁଆ କୋଉଠିକାର, ପୁଣି ଛେକେ ତାହା ବସିବ ପରା ।



ରତନା : ସରି ଆସିଲାଣି ବାବୁ, ସାରି ଦେଇକି ଯାଉଛି ।

ଜଗୁ : ବଦମାସ୍ ଟୋକା, ବସିକି ଯାଉ ଖାଉଥା ସେଇଠି । ପହରେ ହେଲା ଯାଉଛିଯାଉଛି ହେଉଛି । ଖାଲି ପେଟେ ନେଖା ଗିଳିଲେ କ'ଣ ହେବ, ତୋର କାମଦାମକୁ ଜମାରୁ ନିଘା ନାହିଁ । ବସ୍ ପରା ଲାଗିଯିବ ଏଇଛୁଣିକା, କେତେ କାମ ବାକି ପଡ଼ିଛି । ତୁ ଏମିତି ମଠେଇଲେ ଦୋକାନ ଚାଲିବ କେମିତି.....ଆଏଁ !

ରତନା : ଗିଲାସ, ଥାଳିଆଗୁଡ଼ା ଧୋଉଛି ବାବୁ । ଧୁଆଧୋଇ ସାରିକି ଯାଇ ଚୁଲିରେ ଚାହା ବସେଇବି ।

ଜଗୁ : (ରାଗିଯାଇଛି, ଧମକ ଦେଇ) ଚୋଓପ୍ । ବଡ଼ିବଡ଼ି କଥା କହୁଛି ।

ରତନା : (ରାଗି ଯାଇଛି, ଗ୍ଲାସ୍ ଧୋଇବା ଛାଡ଼ି ଜଗୁ ସାହୁକୁ କରୁଣ ଭାବରେ ଚାହିଁ) ନାହିଁ ....... ନାହିଁ ବାବୁ ବସ୍ ଲାଗିବା ଆଗରୁ ମୁଁ ସବୁ କାମ ସାରିଦେବି । ମତେ ଆଜି ଟିକେ ଟଇମ ଛାଡ଼ିଦେବ ବାବୁ ।

ଜଗୁ : ଟଇମ ଛାଡ଼ିଦେବି ? କାହିଁକି, କୁଆଡେ ଯାତରା ଦେଖିବାକୁ ଯିବୁ କି ?

ରତନା : ନାହିଁ ବାବୁ, ମୋ ବାପା ଦିହ ଭଲ ନାହିଁ । ଚାରିଦିନ ହେବ ଜରରେ ପଡ଼ିଛି, ମୁଁ ଗଲେ ସିନା କ'ଣ ଦିଟା ରାନ୍ଧି ତାକୁ ଦେବି । ଡାକ୍ତରଖାନାରୁ ଓଷଦଆଣିଥିଲି । ମୁଁ ସକାଳେ ଆସିଲା ବେଳେ ସେ କନ୍ଥା ଘୋଡ଼େଇ ହୋଇ ଶୋଇଥିଲା । ଓଷଦଟା ଦେଇପାରିନି, କ'ଣ କରୁଥିବ କେଜାଣି ଏବେ !

ଜଗୁ : (ବରା ଛାଣିବାରେ ମନ ଦେଇଥିଲା, ରତନାର କଥା ଶୁଣି ଚିହିଁକି ଉଠିଛି) ପୁଣି ମୁହଁ ଉପରେ ଜବାବ ଦଉଛୁ ! ବେଶ୍ ତ ବନେଇ ଚୂନେଇ କଥା କହିପାରୁଚୁ । କର୍ମକୋଢ଼ି କୋଉଠିକାର । (ଛିଗୁଲେଇ) ଖାଲି ଘରକୁ ପଳେଇବାରେ ମନ । ମାଗଣାଟାରେ ତତେ ଏଠି ପୋଷିବି ! (କହିବା ଭିତରେ ରତନାର ନିକଟବର୍ତ୍ତୀ ହୋଇ ସାରିଥିଲା ।)

ରତନା : ନାହିଁ ବାବୁ, ତୁମେ ଯାହା କହିବ, କରିବି .... ହେଲେ ଆଜି ଟିକେ ସଅଳ ନ ଗଲେ ....

ଜଗୁ : (ରାଗିଯାଇ ରତନା ଗାଲରେ ଚାପୁଡ଼ାଏ ଦେଇଛି) ପୁଣି ମୋ ମୁହଁ ଉପରେ କଥା.... ଚିହ୍ନିଚୁନା ମତେ ... ଦେଖୁଚୁ ତ ଏଇ ତତଲା ତେଲ କଡ଼େଇକି .... ବେଶି ବକ୍‌ବକ୍ କଲେ ତୋ ମୁହଁକୁ ନେଇ ମାଡ଼ିଦେବି ସେଇ ତେଲ କଡ଼େଇରେ । ଆରେ.... କ'ଣ ବୋଲି ପାଇଲୁକି ମୋତେ !

(ରତନା ମାଡ଼ ଖାଇ ବିକଳ ହୋଇ କାନ୍ଦୁଥାଏ । ଦୋକାନ ପିଣ୍ଡାର ଗୋଟିଏ କଣରେ ଛିଡ଼ା ହୋଇଥାଏ । ଏତିକିବେଳେ ପହଁଚିଛନ୍ତି ସେ ଗାଁ ମାଇନର ସ୍କୁଲର ପ୍ରଧାନ ଶିକ୍ଷକ ରଘୁନାଥ ଦଳବେହେରା । ସେ ହାତରେ ଧରିଥା'ନ୍ତି ସଉଦାପତ୍ରର ବ୍ୟାଗ୍‌ଟିଏ) ।

ରଘୁନାଥ : ଆହେ ଜଗୁ, ଟିକେ ଗରମ କ୍ଷୀର ମିଳିବ ?

ଜଗୁ : କ'ଣ ହେଇଚି ଆଜ୍ଞା ! କାହା ଦିହ ଖରାପ ହେଇଚି ନା କ'ଣ ?

ରଘୁନାଥ : ହଁ ସାହୁଏ । ମଧୁବନ ଗାଁର ପିଲାଟିଏ ବିପିନ । ହଷ୍ଟେଲ୍‌ରେ ବେମାର ପଡ଼ିଛି । ଦେହରୁ ଜର ଜମାରୁ ଓହ୍ଲାଉନି । ଏଠି ଚିକିତ୍ସା ଚାଲିଛି । କିନ୍ତୁ ଯେମିତି ହେଲେ କାଲି ତା'ବାପାଙ୍କୁ ଡକାଇ ବିପିନକୁ ବଡ଼ ଡାକ୍ତରଖାନାକୁ ପଠେଇବାକୁ ହେବ । ସାହୁଏ, ତୁମେ ବୋତଲଟି ରଖ, ଅଧଲିଟର କ୍ଷୀର ଫୁଟେଇ ଟିକେ ହଷ୍ଟେଲକୁ ପଠେଇ ଦେବ । ଜରରେ ପଡ଼ିଥିବା ବିପିନକୁ ରୁଟି ଆଉ କ୍ଷୀର ଦିଆଯିବ । (ସାହୁଙ୍କ ହାତକୁ ପଇସା ବଢ଼େଇ ଦେଇଛନ୍ତି । ଏତିକିବେଳେ ରତନାର ଟାପା କାନ୍ଦ ତାଙ୍କ କାନରେ ପଡ଼ିଛି । କିଏ କାନ୍ଦୁଛି ବୁଝି ନ ପାରି ସାହୁଙ୍କୁ ପଚାରିଛନ୍ତି) ସାହୁଏ, କିଏ କାନ୍ଦିବା ପରି ଜଣା ପଡୁଚି । କିଏ କାନ୍ଦୁଚି ସେଠି ?

ଜଗୁ : ସିଏ କିଛି ନୁହେଁ ଆଜ୍ଞା , ଆପଣ ଯାଆନ୍ତୁ । ଏ ଟୋକା ହାତରେ ପଠେଇ ଦେବି ।

ରଘୁନାଥ : (କାନ୍ଦ ଶୁଭୁଥିବା ସ୍ଥାନ ଆଡ଼କୁ ଆଗେଇ ଯାଉ ଯାଉ) ଆରେ କିଏ ସେଠି ଠିଆ ହେଇଚ ? ମୁହଁରେ ହାତ ଘୋଡ଼େଇ ସେଠି ଏମିତି କାନ୍ଦୁଛ କାହିଁକି ? କ'ଣ ହେଲା ?

(ପିଲାଟି ପାଖରେ ପହଞ୍ଚି ତା'ମୁହଁରୁ ହାତ ଦୁଇଟିକୁ କାଢ଼ି ଦେଇଛନ୍ତି । ଚିହ୍ନିପାରିଛନ୍ତି ରତନାକୁ । ଏପରି ଅବସ୍ଥାରେ ସାର୍‌ଙ୍କୁ ହଠାତ୍ ଦେଖିବ ବୋଲି ରତନା ଭାବି ନ ଥିଲା । କୌଣସି ମତେ ନିଜର ଅବସ୍ଥାକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରିଛି ସେ । ଲୁହକୁ ଦି' ହାତରେ ପୋଛି ସାର୍‌ଙ୍କ ପାଦଛୁଇଁ ପ୍ରଣାମ କରିଛି । କିଛି କହି ନ ପାରି ତଳକୁ ମୁହଁ ପୋତି ଠିଆ ହୋଇ ରହିଛି ।)

ରଘୁନାଥ : (ସାନ୍ତ୍ୱନା ଦେବା ସ୍ୱରରେ) ଆରେ, ତୁ ରତନାଟି ! ତୁ କାନ୍ଦୁଛୁ କାହିଁକି ବାପା ? ଏଠିକି କାହିଁକି ଆସିଥିଲୁ ?

ଜଗୁ : ସିଏ ମୋ ଦୋକାନରେ ରହି ଏଇ କେଇ ଦିନ ହେଲା କାମଦାମ କରୁଛି ଆଜ୍ଞା ।

ରଘୁନାଥ : ହେଲା ଯେ ...... ସିଏ ଏଠି କାନ୍ଦୁଛି କାହିଁକି ? (ରତନା ପାଖକୁ ଯାଇ ଆଖିରୁ ତା'ର ଲୁହ ପୋଛି ଦେଇଛନ୍ତି ସରାଗରେ) କ'ଣ ହେଲା ତୋର ? ତୁ ଏମିତି କାନ୍ଦୁଚୁ କାହିଁକି ବାପା !

ରତନା : (କୌଣସିମତେ କୋହ ସମ୍ଭାଳି) ସାହୁଏ ମତେ ମାରିଲେ ସାର୍ !

ରଘୁନାଥ : ସାହୁଏ ମାଇଲେ ? କାହିଁକି, ତୁ କି ଭୁଲ୍ କଲୁ କି ?

ରତନା : ମୋର କିଛି ଭୁଲ୍ ନାହିଁ ସାର୍ । ଘରେ ମୋ ବାପାର ଦେହ ଖରାପ, ଚାରିଦିନ ହେଲା ସେ ବିଛଣାରେ ପଡ଼ିଚି । ବାପାକୁ କ'ଣ ଦିଟା ରାନ୍ଧି ଖାଇବାକୁ ଦେବାଲାଗି ଆଜି ଟିକେ ସଅଳ ଯିବାକୁ

କହୁଥିଲି । ମତେ ଟିକେ ଆଜି ସଅଳ ଛାଡ଼ିଦେବା ଲାଗି କହିବାରୁ ସାହୁଏ ରାଗିଯାଇ ମତେ ମାଇଲେ ।

ଜଗୁ : (ପ୍ରତିକ୍ରିୟା ପ୍ରକାଶ କରି) ନାଇଁ ମାରିବି କାହିଁକି.....ତତେ ଫୁଲଚନ୍ଦନ ଦେଇ ପୂଜା କରିବି । ହେଇଟି କହିଦେଉଛି.....କାଲିଠୁ ତୁ ଆଉ ଏ ଦୋକାନ ବାରଣ୍ଡା ମାଡ଼ିବୁନି । ମୁଁ ଦୁସୁରା ପିଲା ରଖିବି ।

ରତନା : (କାକୁତି ମିନତି ହୋଇ) ନାଇଁନାଇଁ ବାବୁ, ତୁମେ ସେମିତି କୁହନା । ଏଠାକୁ କାମ କରିବାକୁ ନ ଆସିଲେ ମୋ ବାପା ଆଉ ମୁଁ ଖାଇବାକୁ ପାଇବୁ ନାହିଁ । ଖାଇପିଇ ମାସକୁ ପଚାଶ ଟଙ୍କା ଦବ ବୋଲି ମୋ ବାପା ମତେ ଆଣି ଏଇଠି ରଖେଇଛନ୍ତି । ଏଠୁ ଚାଲିଗଲେ ମୁଁ କ'ଣ କରିବି ?

ଜଗୁ : ତୁ ଯାହା କର....... ମୋର ସେଥିରେ କ'ଣ ଅଛି ? ମୁଁ କିନ୍ତୁ ତତେ ଏଠି ଆଉ ରଖିବି ନାହିଁ । ତୁ ତୋର ଯାହା କରୁଛୁ କର ।

ରଘୁନାଥ : (ପରିସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ଓ ରତନା ପ୍ରତି ସମ୍ବେଦନଶୀଳ ହୋଇ)

ଆଉ ସାହୁଏ, ତୁମେ ଆଉ ରାଗନା । ପିଲାଟାକୁ ଆଉ ଗାଳି ଦିଅନା । ତା' ମୁହଁକୁ ଦେଖିଲେ ତୁମ ମନରେ ଦୟା ଆସୁ ନାହିଁ ?

ଜଗୁ : ତା'ବାପ ପାଖରୁ ଏମାନଙ୍କ ଅବସ୍ଥା ଜାଣିବା ପରେ ତ ଏ ଟୋକାକୁ ମୁଁ ଏଠି ରଖିଛି । ଏମାନଙ୍କ ଉପରେ ଦୟା ଦେଖେଇଥିଲି ବୋଲି ଯାକୁ ରଖିଥିଲି ନା । (ସାହୁ ମନର ରାଗ ତଥାପି କମି ନ ଥାଏ)

ରଘୁନାଥ : (ଜଗୁ ସାହୁଙ୍କୁ ବୁଝାଇବା ଭଙ୍ଗୀରେ) ସାହୁଏ, ଅବସ୍ଥାଟାକୁ ବୁଝିବା ଲାଗି ତୁମେ ଟିକେ ଚେଷ୍ଟା କର । ରତନାଟି ଛୋଟ ପିଲାଟାଏ । କେତେ ଅବା ତା'ର ବୟସ ? ତା' ବୟସର ପିଲା ଖେଳାବୁଲା କରିବେ, ପାଠଶାଠ ପଢ଼ିବେ, ଭଲମନ୍ଦ ଜାଣିବେ । ଜୀବନକୁ ପୁଣି ତାଙ୍କ ଚାରିପାଖର ଦୁନିଆକୁ ବୁଝିବେ ।

ଜଗୁ : ହଁ, ସେକଥା ଠିକ୍ ଯେ, କିନ୍ତୁ ମୁଁ ଏଥିରେ କ'ଣ କରିପାରିବି ?

ରଘୁନାଥ : ସାହୁଏ, ଖାଲି ତୁମେ ଏକା ଏସବୁ କରିବ ବୋଲି ମୁଁ କହୁନି । ଏ ଦାୟିତ୍ୱ ଆମ ସମସ୍ତଙ୍କର । ଏ ଛୁଆମାନଙ୍କୁ ଜନ୍ମଦେଇଥିବା ବାପମାଆଙ୍କର । ସମାଜରେ ଥିବା ସବୁ ବୟସ୍କ ଲୋକଙ୍କର....... ପୁଣି ସରକାରଙ୍କର ।

ଜଗୁ : ଯଦି ଏ ଦାୟିତ୍ୱ ସରକାରଙ୍କର, ତା' ହେଲେ ଆମ ଭଳି ଲୋକେ ଏଥିରେ ମୁଣ୍ଡ ପୂରେଇବେ କାହିଁକି ?

ରଘୁନାଥ : ସାହୁଏ, ସବୁ କଥା ସରକାରଙ୍କ ଉପରେ ଛାଡ଼ି ଦେଇ ଆମେ ଚୁପ୍ ହୋଇ ବସିପାରିବା ନାହିଁ । ତୁମେ ଜାଣିନ ବୋଧହୁଏ, ପାଠ ପଢ଼ିବା ପାଇଁ ଅଧିକରୁ ଅଧିକ ଜାଣିବା ପାଇଁ ସବୁ ପିଲାଙ୍କର ଅଧିକାର ଅଛି । ପାଠ ପଢ଼ିବା ସେମାନଙ୍କର ମୌଳିକ ଅଧିକାର । ସେଥିରୁ ସେମାନଙ୍କୁ ବଂଚିତ କରିବା ଏକ ଅପରାଧ । ବାପା ମା' ହିସାବରେ ଆମେ ଯଦି ପିଲାଙ୍କୁ ସ୍କୁଲ ନ ପଠାଇବା ତେବେ ସେମାନେ ପଢ଼ିବେ କେମିତି ? ନ ପଢ଼ିଲେ ପୁଣି ଜାଣିବେ କେମିତି ?

ଜଗୁ : ସେ କଥା ଠିକ୍ ଯେ.....କିନ୍ତୁ ମୋ ଆଗରେ ଆପଣ ଏସବୁ କହୁଛନ୍ତି କାହିଁକି ?

ରଘୁନାଥ ; ବୁଝିଲ ସାହୁଏ, ଏଇ ପିଲାମାନେ ହେଉଛନ୍ତି ଆମ ଦେଶର ସଂପଦ । ଏଇମାନେ ଭବିଷ୍ୟତର ନାଗରିକ । ଏମାନେ ଭଲଭାବରେ ଗଢ଼ିହେଲେ ଭବିଷ୍ୟତରେ ଆମ ଦେଶକୁ ଗଢ଼ିବେ । ଅଥଚ ତୁମେ ଏମାନଙ୍କ ମୂଲ୍ୟ ବୁଝିପାରୁନା । ତାଙ୍କୁ ଆଣି ତାହା ଦୋକାନରେ ଖଟଉଚ ...ମାଡ଼ଗାଳି ଦେଉଚ....ଏଇଟା ଜମା ଠିକ୍ କଥା ନୁହେଁ ସାହୁଏ ।

ଜଗୁ : ମୁଁ ଜାଣେ ପରା ମାଷ୍ଟ୍ରେ, ଆପଣ ସେଇଆ କହିବେ....ଦୋଷ ମତେ ଦେବେ । ହକ୍ ପଇସା ଦଉଚି ତାଙ୍କୁ, ଦି' ପଦ କହିବିନି ? କାମରେ ଢିଲା କଲେ ମାଡ଼ ଖାଇବନି ? ମୋର ଏଥିରେ କୋଉଠି ଦୋଷ ରହିଲା କହିଲେ ?

ରଘୁନାଥ : ତୁମେ ଜାଣିପାରୁନା ସାହୁଏ, ତୁମର ଦୋଷ ଅଛି । ଖାଲି ଦୋଷ ତ ନୁହେଁ, ତୁମେ ଅପରାଧ ବି କରିଛ ।

ଜଗୁ : ଅପରାଧ ? ଏଥିରେ ମୁଁ କି ଅପରାଧ କଲି ଆଜ୍ଞା !

ରଘୁନାଥ : ତମେ ଜାଣିନ, ଚଉଦବର୍ଷରୁ କମ୍ ବୟସର ପିଲାଙ୍କୁ ଶ୍ରମିକ ଭାବରେ ଖଟାଇବା ଏକ ଅପରାଧ । ଆମଠାରୁ ସ୍ନେହ ଶ୍ରଦ୍ଧା ଦାବି କରୁଥିବା ବୟସର ପିଲାଙ୍କୁ ଶ୍ରମିକ ଭାବରେ କାମରେ ଲଗାଇବା, ତାଙ୍କୁ ଗାଳି ଫଜିତ୍ ଦେବା, ମାରଧର କରିବା ଅପରାଧ ନୁହେଁ ତ ଆଉ କ'ଣ ? ଏହାଦ୍ୱାରା ତୁମେ ଦେଶର ଆଇନ୍‌କୁ ଅମାନ୍ୟ କରିଛ ।

ଜଗୁ : ନାଇଁ ନାଇଁ......ମୁଁ ସେମିତି କାମ କରେନି । ଆପଣ ସେମିତି କୁହନ୍ତୁନି ।

ରଘୁନାଥ : ସାହୁଏ, ଆଇନ୍ ବାବଦରେ ଭଲଭାବରେ ଜାଣି ନ ଥିବାରୁ ତୁମେ ଏମିତି କହୁଛ । ଅଳ୍ପ ବୟସର ପିଲାଙ୍କୁ କାମରେ ଖଟେଇବା ପରା ଏକ ବେଆଇନ୍ କାମ । ତୁମ କାମର କୁଫଳ ବିଷୟରେ ତୁମେ ଜାଣିପାରୁନ । ଗୋଟେ ଫୁଟି ଆସୁଥିବା ଫୁଲ କଢ଼କୁ ଜବରଦସ୍ତ ଗଛରୁ ଛିଣ୍ଡେଇ ଗୋଡ଼ରେ ଦଳି ପକାଇବା ଯାହା, ଏ ଛୋଟପିଲାଙ୍କୁ ପାଠ ପଢ଼ିବାର ସୁଯୋଗ ନ ଦେଇ ଶ୍ରମିକ ଭାବରେ କାମରେ ଲଗାଇବା ସେଇଆ ।

ଜଗୁ : ମୁଁ କ'ଣ ଛାଁକୁ ତାକୁ କାମରେ ଲଗାଇଛି ? ତା' ବାପ ମୋତେ କୁହାବୋଲା କରିବାରୁ ସିନା ଏ ଟୋକାକୁ ମୁଁ କାମ ଦେଇଛି ।

ରଘୁନାଥ : ଜାଣିଚ ସାହୁଏ, ଦାମ ଗୋଛେଇତର ଏ ପିଲାଟି ରତନା, ପାଠପଢ଼ାରେ ବିଚକ୍ଷଣ । ସପ୍ତମ ଶ୍ରେଣୀ ପରୀକ୍ଷାରେ ସାରା ଜିଲ୍ଲାରେ ଫାଷ୍ଟ୍ ହୋଇଥିଲା । ତା'ପରେ ତା'ର କ'ଣ ହେଲା କେଜାଣି ସେ ଆଉ ସ୍କୁଲକୁ ଆସିଲାନି କି ଅଷ୍ଟମ ଶ୍ରେଣୀରେ ନାଁ ଲେଖାଇଲା ନାହିଁ । ଏ ପିଲାଟିର ସାଙ୍ଗପିଲାଙ୍କ ପାଖରୁ ଶୁଣିଥିଲି, ଏହାର ମା'ଟି କୁଆଡ଼େ ସାପ କାମୁଡ଼ାରେ ମରିଗଲା । ଦାମ ଗୋଛେଇତ ଯାକୁ ନେଇ ମାମୁଘରେ ଛାଡ଼ି ଦେଇଥିଲା, ଭାବିଥିଲି ପିଲାଟି ବୋଧହୁଏ ସେଠି ପଢ଼ାଶୁଣା କରୁଥିବ । କିନ୍ତୁ ଆଜି ରତନାକୁ ମୁଁ ତୁମ ଦୋକାନରେ ଦେଖୁଛି ।

ରତନା : ମାମୁ ମାଇଁ ବଡ଼ ଅଭାବୀ ଲୋକ । ସେଠାରେ ରହି ଚଳିବାରେ ଅସୁବିଧା ହେଲା । କେତେ ଦିନ ପରେ ବାପା ମତେ ସେଠୁ ନେଇଆସିଲେ । କିଛି ରୋଜଗାର ଆଶାରେ ବାପା ମତେ ଆଣି ଏଇଠି ସାହୁଙ୍କ ଦୋକାନରେ ରଖେଇ ଦେଇଛନ୍ତି । ମୁଁ ଆଉ କେମିତି ପାଠ ପଢ଼ିପାରିବି ସାର୍ ! ପୋଥିରେ ଜାଣନ୍ତୁ ଡୋରି ବନ୍ଧା ହେଲା । ମାଡ଼ ଗାଳି ଖାଇ ଏମିତି ପଡ଼ି ରହିବି, ଆଉ କୁଆଡ଼େ ଯିବି ?

ରଘୁନାଥ : ସେମିତି କହନାରେ ରତନା । ଏମିତି ଭାଙ୍ଗି ପଡ଼ନା, ତୋତେ କୁଆଡ଼େ ଯିବାକୁ ପଡ଼ିବନି । ତୁ ଆମରି ପାଖରେ ରହିବୁ, ପାଠ ପଢ଼ିବୁ । ଏଣିକି ତତେ କେହି ଗାଳିମନ୍ଦ ଦେବେନାହିଁ କି ମାରଧର କରିବେନି । ତୋ ନାଁ ପରା ରତନ, ତୁ ପାଠପଢ଼ି ସେହି ରତ୍ନର ସଂଧାନ କରିବୁ । ଆଉ ମନକଷ୍ଟ କରନା । ଆ ବାପା ମୋ ସାଙ୍ଗରେ ।



(ରତନାର ହାତ ଧରି ଦୋକାନ ବାରଣ୍ଡାରୁ ଯିବାକୁ ବାହାରିଲେ । ଏମିତି ଏକ ଘଟଣା ଦେଖି ଜଗୁ ସାହୁ ବିସ୍ମିତ ହେଉଥିଲା । ରତନା ଓ ରଘୁନାଥବାବୁ ରାସ୍ତାକୁ ବାହାରିବା ବେଳେ ଜଗୁ ସାହୁ ଡାକୁଥିଲା)

# ଦ୍ୱିତୀୟ ଦୃଶ୍ୟ

କିଛିଦିନ ପରେ......................

(ହରିପୁର ମାଇନର ସ୍କୁଲର ଅଫିସ୍ ଘର ସାମନା । ସେଠାରେ ବସିଛନ୍ତି ପ୍ରଧାନଶିକ୍ଷକ ରଘୁନାଥ ଦଳବେହେରା । ତାଙ୍କର ଗୋଟିଏ କଡ଼କୁ ଠିଆହୋଇଛି ରତନା ଓ ତା' ପାଖରେ ରତନାର ବାପା ଦାମ ଗୋଛେଇତ । ପ୍ରଧାନଶିକ୍ଷକ ଦାମ ଗୋଛେଇତଙ୍କ ଉଦ୍ଦେଶ୍ୟରେ କହୁଥିଲେ । ପାଖରେ ଗୋଟିଏ ଖାଲି ଚଉକି ପଡ଼ିଛି)

ରଘୁନାଥ : ରତନା ତ ଖୁବ୍ ଭଲ ପଢୁଛି, ବୃତ୍ତି ବି ପାଉଛି, ତୁମର ଆଉ ଅସୁବିଧା କ'ଣ ?

ଦାମ : ରତନାର ମା' ଚାଲିଯିବା ପରେ ମୋର ସବୁ ଉଜୁଡ଼ି ଯାଇଚି ଆଜ୍ଞା । ମୁଁ ଏକୁଟିଆ ଲୋକ, ସବୁ କାମକୁ ଏକା ଏକା ପାରୁନି । ମୁଁ କହୁଥିଲି କ'ଣ କି ମୁଁ ମୂଲପାଣିକି ଚାଲିଗଲା ପରେ ରତନା ଘରବାଡ଼ିକି ଟିକେ ଦେଖନ୍ତା. ଗାଈଗୋରୁଙ୍କ କଥା ବୁଝନ୍ତା, ବାଡ଼ିରେ ପନିପରିବା କରନ୍ତା ।

ରଘୁନାଥ : ରତନାକୁ ମୁଁ କହିଦେଉଛି, ଛୁଟି ଦିନମାନଙ୍କରେ ସେ ହଷ୍ଟେଲରୁ ଯାଇ ଘରକାମରେ ତୁମକୁ ସାହାଯ୍ୟ କରିବ ।

ଦାମ : କ'ଣ କରିବି ଆଜ୍ଞା, ପେଟ କଷ୍ଟକୁ ସହି ନ ପାରି ସିନା ମୁଁ ତାକୁ ଟା' ଦୋକାନରେ ଛାଡ଼ିଥିଲି, ନ ହେଲେ କୋଉ ବାପ ନ ଚାହେଁ ତା'ପୁଅଝିଅ ସୁଖରେ ରହନ୍ତୁ ବୋଲି, ପାଠ ପଢ଼ନ୍ତୁ ବୋଲି ।

ରଘୁନାଥ : ସେଇ କଥା ତ ମୁଁ କହୁଛି, ନିଜ ପିଲାର ସୁଖ ପାଇଁ ତୁମକୁ କିଛି ପରିମାଣରେ ଦୁଃଖ ଅବଶ୍ୟ ସହିବାକୁ ହେବ । ଏ କଞ୍ଚା ବୟସରେ ତାକୁ ଶ୍ରମିକ ଭଳି ଖଟାଇ ତା'ପ୍ରତିଭାକୁ ତୁମେ ହତାଦର କରନା । ଜାଣିଛନା ଦାମ, ହାଇସ୍କୁଲର ହେଡ୍‌ମାଷ୍ଟ୍ରେ ମତେ ପରା କାଲି କହୁଥିଲେ, ରତନା ଆମ ସ୍କୁଲର ନାଁ ରଖିବ । ପାଠପଢ଼ା, ଖେଳକୌତୁକ, ବକ୍ତୃତା ସବୁ କାମରେ ଆଗୁଆ । ତା'ପରି ପିଲା ଆମ ଖଣ୍ଡମଣ୍ଡଳରେ ନାହିଁ । ଆଉ ସେଥିରେ ପୁଣି ଗୋଛେଇତ ତୁମେ କହୁଚ କ'ଣ ନା ତା'ର ପଢ଼ା ବନ୍ଦ କରି ତାକୁ ଘରକୁ ନେଇଯିବ ! ତୁମେ ଏଥିରେ ବାଧା ଦିଅନା ଦାମ, ତାକୁ ଉଠିବାକୁ ଦିଅ । ତା'ନିକଟରେ ପ୍ରତିଭା ଅଛି, ପ୍ରଚେଷ୍ଟା ବି ଅଛି, ଆମେ ଖାଲି ସହଯୋଗ କରିବା । ଦୀପଟି ପ୍ରସ୍ତୁତ ହୋଇ ରହିଛି । ଆମେ କେବଳ ଅଗ୍ନି ସଂଯୋଗ କରିବା । ଫଳରେ ଶିଖା ପ୍ରଜ୍ୱଳିତ ହେବ । ଦୀପଶିଖାର ସେହି ଆଲୋକରେ ଖାଲି ଆମ ଅଞ୍ଚଳଟି ନୁହେଁ, ସାରା ଦେଶ ଆଲୋକିତ ହେବ ।

ଦାମ : ହଉ, ଆପଣଙ୍କର ଇଚ୍ଛା । ଜଗୁ ସାହୁର ଚାହା ଦୋକାନରୁ ଆପଣ ସେଦିନ ପିଲାଟାକୁ ନେଇଆସି ଏତେ ବାଟରେ ପହଞ୍ଚାଇଲେଣି । ଭଗବାନ୍ ଆପଣଙ୍କର ମଙ୍ଗଳ କରନ୍ତୁ । ଯେତେ କଷ୍ଟ ପଡୁ ପଛକେ ଆପଣଙ୍କ କଥା ମୁଁ ମାନି ନେଉଛି ।

( ଏତିକିବେଳେ ପହଞ୍ଚିଛନ୍ତି ହାଇସ୍କୁଲର ହେଡମାଷ୍ଟର ସଦାନନ୍ଦ ମିଶ୍ର । ନିଜ ଆସନରୁ ଉଠିପଡ଼ି ରଘୁବାବୁ ତାଙ୍କୁ ପ୍ରଣାମ କରିଛନ୍ତି । ରତନା ଓ ଦାମ ମଧ୍ୟ ପ୍ରଣାମ କରିଛନ୍ତି । ରଘୁନାଥ ଜଗୁସାହୁଙ୍କୁ ଦୁଇଟି ଚାହା ପଠାଇବାକୁ କହିଛନ୍ତି ।



ସଦାନନ୍ଦ ସାର୍:(ରତନା ଉଦ୍ଦେଶ୍ୟରେ) ଆରେ, ତତେ ମୁଁ ଖୋଜୁଚି ସ୍କୁଲ୍ ସାରା । ତୁ ଏଇଠି ଅଛୁ ବୋଲି କେମିତି ଜାଣିବି ?

ରଘୁନାଥ : (ବସିବା ପାଇଁ ସଦାନନ୍ଦଙ୍କୁ ଅନୁରୋଧ କରି) ସାର୍ ବସନ୍ତୁ । ମୁଁ ରତନାର ବାପାକୁ ଡକେଇଥିଲି, ସେ ଆସିଥିଲେ । (ଦାମକୁ ଚିହ୍ନେଇ ଦେଲେ) ରତନା ଆଗକୁ ପଢ଼ିବ କି ନ ପଢ଼ିବ ସେ ବିଷୟରେ ସିଦ୍ଧାନ୍ତ ନିଆଯିବାର ଥିଲା । ସେଇଥିପାଇଁ ରତନାକୁ ମଧ୍ୟ ମୁଁ ଏଠିକୁ ଡକାଇଥିଲି ।

ସଦାନନ୍ଦ : (ବିସ୍ମିତ ହୋଇ) କାହିଁକି, ନୀଳରତନ ଆଉ ନ ପଢୁ ବୋଲି କ'ଣ ତା ବାପା ଚାହୁଁଛନ୍ତି ?

ରଘୁନାଥ : ପୁଅକୁ ପାଠ ପଢ଼ାଇବା ପାଇଁ ତା'ବାପା ପାଖରେ ସମ୍ବଳ ନାହିଁ । କିନ୍ତୁ ମୁଁ ତାଙ୍କୁ ସବୁ ବିଷୟ ବୁଝେଇ ଦେଇଛି । ଏବେ ସେ ପୁଅକୁ ଅଧିକ ପଢ଼ାଇବା ପାଇଁ ଆମ ପ୍ରସ୍ତାବରେ ରାଜି ହୋଇଗଲେଣି ।

ସଦାନନ୍ଦ : ଖୁବ୍ ଭଲକଥା । (ରଘୁବାବୁ ଓ ଦାମ ଗୋଛେଇତଙ୍କୁ ଚାହିଁ) ଖବରଟା ଶୁଣି ଆପଣ ଦୁହେଁ ଖୁସି ହେବେ, ଏଇଲାଗେ ଉପର ମହଲରୁ ଖବରଟା ଆସି ପହଞ୍ଚିଲା ।

ରଘୁନାଥ : କେଉଁ ଖବର ସାର୍ !

ସଦାନନ୍ଦ : କିଛିଦିନ ତଳେ ମଧୁପୁର ହାଇସ୍କୁଲରେ ଯେଉଁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ହୋଇଥିଲା, ସେଥିରେ ଆମ ନୀଳରତନର ପ୍ରୋଜେକ୍ଟ ଫାଷ୍ଟ ହୋଇଛି । କିଛି ଦିନ ପରେ ସେ ଭୁବନେଶ୍ୱର ଯିବ । ରାଜ୍ୟପାଳଙ୍କ ଠାରୁ ପୁରସ୍କାର ଆଣିବ ।

ରଘୁନାଥ : ଏ ତ ଖୁବ୍ ଭଲ ଖବର ସାର୍ । ନୀଳରତନ ଆମ ଅଞ୍ଚଳର ନାଁ ରଖିଲା । ସ୍କୁଲର ମୁହଁ ଉଜ୍ଜ୍ୱଳ କଲା । (ଦାମକୁ ଚାହିଁ) କ'ଣ ଗୋଛେଇତେ, ଏ ଖବର ଶୁଣି ତୁମେ କ'ଣ ଖୁସି ହେଉନା ?

ଦାମ : ଖୁବ୍ ଖୁସି ହେଉଛି ଆଜ୍ଞା ! ଏତ ସବୁ ଆପଣମାନଙ୍କର ସାହାଯ୍ୟ ଓ କଲ୍ୟାଣର ଫଳ । ଆପଣମାନଙ୍କ ଋଣ ଏ ଜନ୍ମରେ ଶୁଝି ପାରିବିନାହିଁ ।

ସଦାନନ୍ଦ : ନା ଗୋଛେଇତେ । ସେମିତି କୁହନା । ଏଥିରେ ଋଣ ଦବା ନବାର କଥା ନାହିଁ । ଆମେ କେବଳ ଆମର କର୍ତ୍ତବ୍ୟ କରିଛୁ । ନୀଳରତନ ପାଖରେ ପ୍ରତିଭା ଅଛି । ଦୁଃଖ କଷ୍ଟ ଭିତରେ ସେ ଭାଙ୍ଗି ପଡ଼ି ନାହିଁ, କଠିନ ପରିଶ୍ରମ କରିବା ସହିତ ନିଜର ଉଦ୍ୟମ ଜାରି ରଖିଛି, ପାଠ ସେ ଭଲ କରୁଛି ବୋଲି ତ ସରକାର ତାକୁ ବୃତ୍ତି ଦେଉଛନ୍ତି ।

ଦାମ : ଏ ସବୁ ଆପଣଙ୍କ ଦୟାର ଫଳ ଆଜ୍ଞା । ମୋ ପୁଅ ଉପରେ ଆପଣମାନଙ୍କ ଦୟା ସବୁଦିନେ ରହିଥାଉ ।

ସଦାନନ୍ଦ : ନୀଳରତନ ଖାଲି ତୁମର ପୁଅ ନୁହେଁ । ସିଏ ମାଇନର ସ୍କୁଲର ହେଡ୍‌ସାର୍ ଏହି ରଘୁବାବୁଙ୍କର ପୁଅ, ମୋରି ପୁଅ । ସେ ଆମ ମାଟିର ଗୌରବ । ମୋର ବିଶ୍ୱାସ, ସେ ଆହୁରି ଆହୁରି ନାଁ କରିବ । ଆମ ସମସ୍ତଙ୍କର ନାଁ ରଖିବ । ସେ ଆଗେଇ ଚାଲୁ । ଫୁଟିବାକୁ ଯାଉଥିବା ଗୋଟିଏ ସୁନ୍ଦର ଫୁଲକୁ ମାଡ଼ିମକଚି ନଷ୍ଟ କରି ଦିଆଯିବ କାହିଁକି ? ସେ ତା'ର ସୌରଭ ବିତରଣ କରୁ । (ଉଠି ଠିଆହେଲେ)

ରଘୁନାଥ : ଆପଣ ତରତର ଥିବା ପରି ଜଣା ପଡୁଛନ୍ତି । କୁଆଡ଼େ ବାହାରିଛନ୍ତି ନା କ'ଣ ?

ସଦାନନ୍ଦ : ନା ଅନ୍ୟ କୁଆଡ଼େ ନୁହେଁ, ସ୍କୁଲକୁ ଯିବାକୁ ପଡ଼ିବ । ଆଜି ଅପରାହ୍ନରେ ଆମ ସ୍କୁଲରେ ଗୋଟିଏ ସଭାର ଆୟୋଜନ ହେଉଛି । ନୀଳରତନ ତା'ପ୍ରୋଜେକ୍ଟ 'ମଙ୍ଗଳ ଗ୍ରହରେ ବସତି ସ୍ଥାପନ' ସଂପର୍କରେ ସମସ୍ତଙ୍କୁ ବୁଝେଇବ । ସ୍କୁଲ ତରଫରୁ ତାକୁ ସମ୍ବର୍ଦ୍ଧନା ଦିଆଯିବ । ଆମ ଅଞ୍ଚଳର ଲୋକମାନଙ୍କୁ ଡକାଯାଇଛି । ନୀଳରତନ, ତୁ ଆ' ମୋ ସାଙ୍ଗରେ, ବିଜ୍ଞାନ ଶିକ୍ଷକ ଲଳିତ ସାର୍‌ଙ୍କ ସହିତ ପରାମର୍ଶ କରି ନିଜକୁ ଭଲଭାବରେ ପ୍ରସ୍ତୁତ କରିନେବୁ ।

(ରଘୁନାଥ ଓ ଦାମଙ୍କ ଉଦ୍ଦେଶ୍ୟରେ) ନୀଳରତନର ବାପା ତ ଏଠି ଅଛନ୍ତି । ତାଙ୍କୁ ମୋର ନିମନ୍ତ୍ରଣ ରହିଲା । ତାଙ୍କୁ ସାଙ୍ଗରେ ଧରି ରଘୁବାବୁ ଆପଣ ସଭାକୁ ଆସିବେ ନିଶ୍ଚୟ । (ସଦାନନ୍ଦ ଓ ନୀଳରତନ ବାହାରିଗଲେ)

ରଘୁନାଥ : ଦେଖିଲ ତ ଗୋଛେଇତେ, ଚାହା ଦୋକାନରେ ମାଡ଼ଗାଳି ଖାଇ ଖଟୁଥିବା ସେ ଦିନର ରତନା ଆଜି ଆମ ଅଞ୍ଚଳର ନୀଳରତନ । ସେ ଦିନେ ହେବ ଆମ ଦେଶର ଉଜ୍ଜ୍ୱଳ ମଣି । ସେ ମଣିର ତେଜ ଝଲସି ଉଠିବ । ଆମର ନୀଳରତନ ହେଉଛି ଏକ ଜ୍ୱଳନ୍ତ ଦୀପଶିଖା ।

(ଏତିକିବେଳେ ଜଗୁ ଚା' ଦି କପ ଧରି ପହଞ୍ଚିଛି)

ରଘୁନାଥ : ଦେଖିଲ ଜଗୁ, ତମେ ସେ ଦିନ ଯାହାକୁ ମାଡ଼ମାରୁଥିଲ, ସେ ଆଜି ଆମ ଅଞ୍ଚଳର ଗର୍ବ । ଦୀପଶିଖାଟିଏ ପରି ତା' ଆଲୋକରେ ଆମେ ସମସ୍ତେ ଆଲୋକିତ ।

ଜଗୁ : ଆଜ୍ଞା, କଥାରେ ଅଛି, ଗୁଣ ଚିହ୍ନେ ଗୁଣିଆ । ଆପଣ ସିନା ଗୁଣ ଚିହ୍ନିଲେ । ଆମେ ମୂର୍ଖମାନେ ଯଦି ବୁଝନ୍ତୁ ତେବେ ସତରେ ଦେଶ ବଦଳିଯାଆନ୍ତା ଆଜ୍ଞା ।

## କବି ପରିଚୟ

୧୯୫୨ ମସିହା ଅକ୍ଟୋବର ମାସ ୧୯ ତାରିଖରେ ଡ. ବିଜୟକୁମାର ଶତପଥୀଙ୍କ ଜନ୍ମ । ଜଣେ ପ୍ରସିଦ୍ଧ ନାଟ୍ୟକାର ହିସାବରେ ସେ ବେଶ୍ ଜଣାଶୁଣା । ତାଙ୍କଦ୍ୱାରା ରଚିତ ନାଟକ 'ବିଷାଦବୃତ୍ତର କାହାଣୀ' 'କର୍ଣ୍ଣ', 'ବିବର୍ଣ୍ଣ ସହର', 'କ୍ଷୁଧିତ ସରୀସୃପ', 'ଫସିଲର ନିଦ୍ରାଭଙ୍ଗ', 'କଂସର ଆତ୍ମା', 'ଶୋଣିତ ସ୍ୱାକ୍ଷର' ଓ 'ଏଇ ଯେ ସୂର୍ଯ୍ୟ ଉଏଁ' ଓଡ଼ିଆ ନାଟ୍ୟଜଗତକୁ ପରିପୁଷ୍ଟ କରିଛି ।

## ଶିକ୍ଷକଙ୍କ ପାଇଁ ସୂଚନା

- ☆ ଶିକ୍ଷକ ପ୍ରସଙ୍ଗଟିକୁ ଉପସ୍ଥାପନ କରିବା ପୂର୍ବରୁ ଲେଖକ ପରିଚୟ ଓ ପ୍ରସଙ୍ଗର ପୃଷ୍ଠଭୂମି ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।
- ☆ ନାଟକର ସଂଳାପ କଥନଶୈଳୀ ଓ ଆବେଗଭିତ୍ତିକ ଅଭିନୟ ଶୈଳୀ ପ୍ରତି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରାଇବେ ।
- ☆ ଶିକ୍ଷା ପିଲାର ମୌଳିକ ଅଧିକାର ଓ ଏଥିରୁ ବଞ୍ଚିତ କରାଇବା ଆଇନତଃ ଅପରାଧ - ଏ ଧାରଣାପ୍ରତି ପିଲାଙ୍କୁ ସଚେତନ କରାଇବେ ।
- ☆ ପ୍ରତ୍ୟେକ ଶିଶୁ ନିକଟରେ କିଛି ସଦ୍‌ଗୁଣ ଅନ୍ତର୍ନିହିତ ଭାବରେ ଅଛି ଓ ଏହି ଗୁଣାବଳୀର ବିକାଶଦ୍ୱାରା ଶିଶୁର ଉନ୍ନତି ସମ୍ଭବ ତାହା ପିଲାଙ୍କୁ ବୁଝାଇବେ ।
- ☆ ବ୍ୟାକରଣର 'କ୍ରିୟା', 'କର୍ତ୍ତା', 'ପୁରୁଷ' ଓ 'ବୃତ୍ତି' ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।

## ସୂଚନା

ଆଞ୍ଚ - ଚୁଲେଣିର ତଳକରେ ଅଳ୍ପ ଉଚ୍ଚକୁ ଉଠୁଥିବା ଅଗ୍ନିଶିଖା

ତାଗିଦ୍ - ଧମକ, ଆକଟ

କଡ଼ା ଭାଷା - କଠୋର ଭାଷା, ବାଧିଲା ପରି ଭାଷା

ଝଲକେ - ଥରେ, ଥରକରେ, ମୋଟାଏ

କଲିଆଣ - 'କଲ୍ୟାଣ'ର କଥିତ ରୂପ

ନିଘା - ନଜର, ଆଗ୍ରହ, ଇଚ୍ଛା

ଏଇଛୁଣିକା - ଏହିକ୍ଷଣି, ଏବେ

ଜର ଓହ୍ଲାଇବା - ଜର କମିବା, ଜର ଛାଡ଼ିବା

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | |
|---|---|---|---|
| ପହରେ | ହକ୍ | କଞ୍ଚାବୟସ | ସୌରଭ |
| ଦୁସୁରା | ବିଚକ୍ଷଣ | ସିଦ୍ଧାନ୍ତ | ଜ୍ୱଳନ୍ତ |

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) ରତନାର ବାପାଙ୍କ ନାଁ କ'ଣ ?

ଖ) ରତନା କାହା ଦୋକାନରେ ରହି କାମ କରୁଥିଲା ?

ଗ) ରତନା କାନ୍ଦିବାର କାରଣ କ'ଣ ?

ଘ) ରଘୁମାଷ୍ଟ୍ରେ କାହାପାଇଁ କ୍ଷୀର ନେବାକୁ ବରାଦ କରିଥିଲେ ?

ଙ) ଏ ପ୍ରସଙ୍ଗରେ ନୀଳରତନ କାହାକୁ କୁହାଯାଇଛି ?

୨. **ଏକାଙ୍କିକାଟିର ଦ୍ୱିତୀୟ ଦୃଶ୍ୟରେ ଥିବା ଯୁଗ୍ମଶବ୍ଦଗୁଡ଼ିକୁ ବାଛି ଲେଖିବା ।**

ଉ. .............. .............. .............. ............ ............

୩. **'ବକ୍‌ବକ୍‌' ଶବ୍ଦ ଭଳି ଆଉଗୁଡ଼ିଏ ଶବ୍ଦ ମନେପକାଇ ଲେଖିବା ।**

ଉ. ............ ........... ............ ............ ...........

୪. **(ମୁଁ) [ତୁମ] ସହିତ △ମାମୁ△ ଘରକୁ ଯିବି ।**

ଏଠାରେ 'ମୁଁ' ପଦଟି ପ୍ରଥମ ପୁରୁଷ, 'ତୁମ' ପଦଟି ଦ୍ୱିତୀୟ ପୁରୁଷ ଓ ମାମୁ ପଦଟି ତୃତୀୟ ପୁରୁଷ ଅଟେ । ଯେ କୌଣସି ନାମକୁ ବୁଝାଉଥିବା ପଦମଧ୍ୟ ତୃତୀୟ ପୁରୁଷ । ସେହିପରି ତଳ ବାକ୍ୟ ଗୁଡ଼ିକରେ ପ୍ରଥମ ପୁରୁଷରେ ଥିବା ପଦ ଚାରିପଟେ ◯ , ଦ୍ୱିତୀୟ ପୁରୁଷରେ ଥିବା ପଦ ଚାରିପଟେ □ ଓ ତୃତୀୟ ପୁରୁଷରେ ଥିବା ପଦଚାରିପଟେ △ ଚିହ୍ନ ଦେବା ।

କ) ମୁଁ ମୋ ଜନ୍ମଭୂମିକୁ ଭଲପାଏ ।

ଖ) ପଙ୍କଜବାବୁ ଜଣେ ନମ୍ରବ୍ୟକ୍ତି ।

ଗ) ଆପଣଙ୍କୁ ମୁଁ କିଛି କହିବି ।

ଘ) ତୁମେ କାହାକୁ ଖୋଜୁଛ ?

ଙ) ସେ କଦାପି ମିଛ କହେ ନାହିଁ ।

୫. **ଧୁଆଧୋଇ ସାରିକି ଯାଇ ଚୁଲିରେ ଚାହା ବସେଇବି ।**

ଏଠାରେ 'ବସିବା' କ୍ରିୟାପଦରୁ 'ବସେଇବା' ହୋଇଛି । ସେପରି ତଳ କ୍ରିୟାପଦଗୁଡ଼ିକ କ'ଣ ହେବ ଲେଖିବା ।

ଦେଖିବା ........................................ ପଢ଼ିବା ..............................................

ଖାଇବା........................................ ଖେଳିବା ..............................................

ଉଠିବା ........................................ ପିଇବା ..............................................

ଶୁଣିବା ........................................ ନାଚିବା ..............................................

୬. ଆପଣ ଦୟାକରି ଏଠାକୁ ଆସନ୍ତୁ ।

ମୁଁ କୋଣାର୍କ ମନ୍ଦିର ଦେଖିଛି ।

ଏଠାରେ ଆପଣ......ଆସନ୍ତୁ, ମୁଁ...... ଦେଖିଛି ଲେଖାଯାଇଛି । ସେପରି ତଳ ବାକ୍ୟଗୁଡ଼ିକରେ ଗାର ପଡ଼ିଥିବା ଶବ୍ଦକୁ ବଦଳାଇ ଠିକ୍ କରି ଲେଖିବା ।

କ) ତୁମେ ଏ ପ୍ରଶ୍ନଟି ପଚାରିଲେ ।

ଉ. ............................................................................................

ଖ) ପିଲାମାନେ ପଢ଼ିଆରେ ଖେଳନ୍ତିଛି ।

ଉ. ............................................................................................

ଗ) ଆମେମାନେ ଯାତ୍ରା ଦେଖିବାକୁ ଯିବି ।

ଉ. ............................................................................................

ଘ) ସେମାନେ ମନ୍ତ୍ରୀଙ୍କୁ ଦେଖା କରିବାକୁ ଚାହିଁଲୁ ।

ଉ. ............................................................................................

ଙ) ଶ୍ରୀତମ୍ ବାର୍ଷିକ ଉତ୍ସବରେ ପୁରସ୍କାର ପାଇଲୁ ।

ଉ. ............................................................................................

୭. 'ଫୁଟିବା ' ଗୋଟିଏ କ୍ରିୟାପଦ । ଏହାକୁ ବିଭିନ୍ନ ଅର୍ଥରେ ବ୍ୟବହାର କରଯାଇପାରେ, ଯେପରି -

ଗଛରେ ଫୁଲ ଫୁଟିଲା ।

ମୁହଁରେ ହସ ଫୁଟିଲା ।

ପୋଖରୀରେ ମାଛ ଫୁଟୁଛନ୍ତି ।

ଏସବୁ ଉକ୍ତିରେ 'ଫୁଟିବା' ଶବ୍ଦର ଅର୍ଥ ଅଲଗା ଅଲଗା ଏହାକୁ କ୍ରିୟାର 'ରୂଢ଼ି' ପ୍ରୟୋଗ କୁହାଯାଏ ।

ଏହି ପ୍ରସଙ୍ଗରେ ତିନୋଟି କ୍ରିୟାଯୁକ୍ତ 'ରୂଢ଼ି'ର ବ୍ୟବହାର ହୋଇଛି ।

ଯଥା - ନାଁ କରିବା, ନାଁ ରଖିବା, ମୁହଁ ଉଜ୍ଜ୍ୱଳ କରିବା ।

ଏଗୁଡ଼ିକର ଅର୍ଥ ଲେଖିବା ।

ଉ.

ଶିକ୍ଷକଙ୍କ ସହ ଆଲୋଚନା କରି ଏହିପରି ଆଉ କେତେକ କ୍ରିୟାଯୁକ୍ତ ରୂଢ଼ିର ଉଦାହରଣ ସଂଗ୍ରହ କରି ଲେଖିବା ।

୮. **ଏହି କଥାଗୁଡ଼ିକ କିଏ କାହାକୁ କହିଛନ୍ତି ଲେଖିବା ।**

(କ) ସରି ଆସିଲାଣି ବାବୁ, ସାରି ଦେଇକି ଯାଉଚି ।

ଉ. ............................................................................

(ଖ) ଏହା ଦ୍ୱାରା ତୁମେ ଦେଶର ଆଇନ୍‌କୁ ଅମାନ୍ୟ କରିଛ ।

ଉ. ............................................................................

(ଗ) ନାହିଁ ନାହିଁ ............. ମୁଁ ସେମିତି କାମ କରେନି । ଆପଣ ସେମିତି କୁହନ୍ତୁନି ।

ଉ. ............................................................................

(ଘ) ଆପଣମାନଙ୍କର ଋଣ ଏ ଜନ୍ମରେ ସୁଝି ପାରିବି ନାହିଁ ।

ଉ. ............................................................................

୯. **ନିଜ ଭାଷାରେ ବୁଝାଇ ଲେଖିବା ।**

ଦୀପଟି ପ୍ରସ୍ତୁତ ହୋଇ ରହିଛି । ଆମେ କେବଳ ଅଗ୍ନି ସଂଯୋଗ କରିବା । ଫଳରେ ଶିଖା ପ୍ରଜ୍ୱଳିତ ହେବ ।

ଉ.

୧୦. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

(କ) ରତନା ଅନ୍ୟ ଦୋକାନରେ ରହି କାମ କରୁଥିଲା କାହିଁକି ?

ଉ. ..........................................................................................

(ଖ) ସେଦିନ ରତନା ସହଜ ଘରକୁ ଫେରିବାପାଇଁ କାହିଁକି କହୁଥିଲା ?

ଉ. ..........................................................................................

(ଗ) ଦାମ, ରତନାର ପଢ଼ା ବନ୍ଦ କରିଦେବାକୁ ଇଚ୍ଛା କରୁଥିଲେ କାହିଁକି ?

ଉ. ..........................................................................................

(ଘ) ଏ ଏକାଙ୍କିକାରେ କାହାକୁ 'ଦୀପଶିଖା' ବୋଲି କୁହାଯାଇଛି ?

ଉ. ..........................................................................................

(ଙ) ରତନା ସ୍ଥାନରେ ତୁମେ ନିଜେ ଥିଲେ କ'ଣ କରିଥାଆନ୍ତ ଲେଖ ।

ଉ. ..........................................................................................

୧୧. ତଳେ ଦିଆଯାଇଥିବା ବାକ୍ୟ ଓ ନିଜ ମନରୁ କିଛି ବାକ୍ୟ ନେଇ ଅନୁଚ୍ଛେଦଟିଏ ଲେଖିବା ।

(କ) ଧୁଆଧୋଇ ସାରିକି ଯାଇ ଚୁଲିରେ ତାହା ବସେଇବି ।


(ଖ) ମତେ ଆଜି ଟିକେ ଚଞ୍ଚଳ ଛାଡ଼ିଦେବ ।

(ଗ) କୁଆଡ଼େ ଯାତରା ଦେଖିବାକୁ ଯିବୁ କି ?

(ଘ) କ'ଣ କରୁଥିବ କେଜାଣି ଏବେ !

(ଙ) ବେଶ୍ ତ ବନେଇ ଚୁନେଇ କଥା କହିପାରୁଛୁ ।

୧୨. ପାଖରେ ଥିବା ଗୋଲେଇ ଭିତରେ କେତେ ଜଣ ବ୍ୟକ୍ତିଙ୍କ ନାମ ରହିଛି । ଦିଆଯାଇଥିବା ଉକ୍ତିଗୁଡ଼ିକୁ ଯିଏ କହିଛନ୍ତି ତାଙ୍କ ନାମ ସହିତ ଗାର ଟାଣି ଯୋଡ଼ ।




## ତୁମପାଇଁ କାମ

୧. ଏହି ଏକାଙ୍କିକାଟିକୁ ଅଭିନୟ କର ।

୨. ଶିକ୍ଷକଙ୍କ ସାହାଯ୍ୟ ନେଇ ଆଉ କେତୋଟି ଏକାଙ୍କିକା ସଂଗ୍ରହ କରି ପଢ଼ ।

# ଦେଶ ବନ୍ଦନା

ତୁଙ୍ଗ ଶିଖରୀ ଚୂଳ, କୁଞ୍ଜ କାନନ ମାଳ,
ପୁଣ୍ୟ ଜଳଧି ଜଳ, ଖେଳି ଉଠେ ସଘନେ
ପ୍ରାଚୀଗଗନ ଶିରେ,  ଭାସି କନକ ନୀରେ
ଆସ ତପନ ଭଳି ଏ ଉତ୍କଳଭୁବନେ ।।୦।।

ଆଜି କି ସରଗ ଛବି ରାଜେ ରୁଚିର,
କି ନବ ଜୀବନେ ଭରା କୋଟି ଅନ୍ତର,
କିବା ଏ ସମ୍ପଦ ଶିରୀ
ହୃଦେ ହୃଦେ ଆସେ ପୂରି
କି ପୁଲକ ଧାରା ଖେଳି ଆସେ କୋଟି ବଦନେ।। ୧ ।।

ଆହା ଏ ଉତ୍କଳ କିବା ସରଗ ଭୂମି
ବିଲବନ ଶୈଳ ସିନ୍ଧୁ ସୁଷମା ଘେନି
ଜନମି ଏ ଦେଶେ ଆଜି
ଏ ଜନନୀ କୋଳେ ରାଜି
ଧନ୍ୟ କୋଟି ନରନାରୀ ମର ନର ଜୀବନେ।। ୨ ।।

ରଚନା - ପଣ୍ଡିତ ଗୋଦାବରୀଶ ମିଶ୍ର

(ସମୂହଗାନପାଇଁ)